# Akashvani, Sambalpur

## SAMBALPURI NEWS BULLETIN

### 9 February 2025- 6.47- 6.52 am.

*********************************************

ପରୀକ୍ଷା ପେ ଚର୍ଚ୍ଚା          ପି.ଆଇ.ବି.

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଏବା କାଏଲ୍ ଦିନର୍ ୧୧ ବଜେ ପରୀକ୍ଷା ପେ ଚର୍ଚ୍ଚା କାର୍ଯ୍ୟକ୍ରମ୍‌ଥି ଦେଶର ଭିନ୍ ଭିନ୍ ଅଂଚଲ୍‌ର ୩୬ ଝନ୍ ଛାତ୍ରଛାତ୍ରୀଙ୍କର୍ ସାଙ୍ଗେ କଥାବାର୍ତା କର୍‌ବେ । ପ୍ରଧାନମନ୍ତ୍ରୀ ଶ୍ରୀ ମୋଦି ଇ ଅବ୍‌ସରେ ଛାତ୍ରଛାତ୍ରୀ, ଅଭିଭାବକ୍ ଆର୍ ଶିକ୍ଷକ୍‌ମାନଙ୍କର୍ ସାଙ୍ଗେ ଆଲୋଚନା କରି କରି ପରୀକ୍ଷାର୍ ପ୍ରସ୍ତୁତି, ଚାପ ନିୟନ୍ତ୍ରଣ ଆର୍ ବ୍ୟକ୍ତିଗତ୍ ବିକାଶକେ ନେଇକରି ମାର୍ଗଦର୍ଶନ୍ କର୍‌ବେ ।

ଇ ବଛର୍ ପରୀକ୍ଷା ପେ ଚର୍ଚ୍ଚା ୮ ନମ୍ବର୍ ଖେପ୍ ହେବା । ଇତାକେ ଭିନ୍ ଭିନ୍ ବିଷେଥି ୮ଟା ଶୃଙ୍ଖଳାଥି ପ୍ରସାରଣ କରାଯିବା । ଆଲୋଚନାର୍ ସିଧା ପ୍ରସାରଣ୍ ଦୂରଦର୍ଶନ, ସ୍ୱୟଂ, ସ୍ୱୟଂପ୍ରଭା, ପିଏମ୍‌ଓ ୟୁଟ୍ୟୁବ୍ ଚ୍ୟାନେଲ୍ ଶିକ୍ଷା ମନ୍ତ୍ରଣାଳୟ ଆର୍ ସୂଚନା

ଆର୍ ପ୍ରସାରଣ ମନ୍ତ୍ରଣାଳୟର୍ ସୋସିଆଲ୍ ମିଡିଆ ଚ୍ୟାନେଲ୍‌ଥି କରାହେବା ।

ମୁଖ୍ୟମନ୍ତ୍ରୀ-ଜନଅଭିଯୋଗ୍ ଶୁଣାଣି I&PR

ଭୁବ୍‌ନେଶ୍ୱର୍ ୟୁନିଟ୍- ୫ ନ ଆଏବା କାଏଲ୍ ମୁଖ୍ୟମନ୍ତ୍ରୀଙ୍କର୍ ଜନଅଭିଯୋଗ୍ ଶୁଣାଣି ବନ୍ଦ୍ ରହେବା । ମୁଖ୍ୟମନ୍ତ୍ରୀଙ୍କର୍ ଅଲ୍‌ଗା ଗୁରୁତ୍ୱପୂର୍ଣ୍ଣ କାମ୍ ରହୁଥିବାର୍‌ନୁ ଶୁଣାଣି ବନ୍ଦ୍ ରହେବା ବଲି ସାଧାରଣ ପ୍ରଶାସନ୍ ଆଉ ସାଧାରଣ ଅଭିଯୋଗ୍ ବିଭାଗ୍ ତର୍‌ଫୁ ସୂଚ୍‌ନା ଦିଆଯାଇଛେ ।

ସୁଭଦ୍ରା ଯାଜ୍‌ପୁର୍ ସମ୍ବାଦଦାତା

ସୁଭଦ୍ରା ଯୋଜ୍‌ନାର୍ ପହେଲା କିସ୍ତିର୍ ୪ ନମ୍ବର୍ ଖେପ୍ ସାହାଜ୍ ଟଙ୍କା ଗଲାକାଏଲ୍ ହିତାଧିକାରୀମାନ୍‌କୁ ଦିଆଯାଇଛେ । ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଯାଜ୍‌ପୁର୍ ଜିଲ୍ଲା ନୁ ରାଜ୍ୟର୍ ରାଜ୍ୟର୍ ୧୮ ଲାଖ୍ ହିତାଧିକାରୀଙ୍କୁ ଇ ଟଙ୍କା ଦେଇଛନ୍ । ୪ ନମ୍ବର୍ ଖେପେ ଗଲାକାଏଲ୍ ଯାଜ୍‌ପୁର୍ ଜିଲ୍ଲାର୍ ୭୯ ହଜାର୍ ମହିଲା ଉପକୃତ୍ ହେଇଛନ୍ ବଲି ମୁଖ୍ୟମନ୍ତ୍ରୀ କହିଛନ୍ ।

ଇନ ଜନେଇ ଦିଆଯାଇପାରେ ଯେ, ଯୋଜ୍ନାର ଦୁଇ ନମ୍ବର କିସ୍ତିର୍ ପହେଲା ଖେପ୍ ସାହାଜ୍ ଟଙ୍କା ଆଏବା ମାସ ୮ ତାରିଖ୍ ଅନ୍ତର୍ଜାତୀୟ ମହିଲା ଦିବସ୍ ଦିନ ଦିଆଯିବା ବଲି ସରକାର ଘୋଷଣା କରିଛନ୍ ।

ରେଲ୍ୱେ ଓଡ଼ିଶା          ପି.ଆଇ.ବି.

ଓଡ଼ିଶା ନ ରେଲ୍ ଭିତିଭୂମିକେ ବର୍କସ୍ କର୍ବାର୍ ଲାଗି ୨୦୨୫-୨୬ ବଜେଟ୍ଥି ୧୮ ହଜାର୍ ଶହେ ୧୮ କୋଟି ଟଙ୍କା ଖର୍ଚ୍ଚାଥି ୮ ଟା ନୂଆଁ ରେଲ୍ ପ୍ରକଳ୍ପକେ ମଞ୍ଜୁରୀ ଦିଆଯାଇଛେ । ସେଥିର୍ଭିତ୍ରୁ ପଶ୍ଚିମ ଓଡ଼ିଶାର୍ ଯୋଗାଯୋଗ୍କେ ଉନ୍ନତ୍ କର୍ବାର୍ ଲକ୍ଷ୍ୟ ରଖାଯାଇକରି ବର୍ଗଡ୍ ରୋଡ୍ନୁ ନୂଆପଡ଼ା ରୋଡ୍କେ ଶହେ ୧୮ ଦଶ୍ମିକ୍ ୩/୨ କିଲୋମିଟର୍ ରେଲ୍ଲାଇନ୍ ଲାଗି ୨ ହଜାର୍ ୬ ଶହ ୨୧ କୋଟି ୯୨ ଲାଖ୍ ଟଙ୍କାର୍ ପ୍ରକଳ୍ପକେ ମଞ୍ଜୁରୀ ମିଲିଛେ । ସେନ୍ତା ସମ୍ବଲ୍ପୁର୍ ମୁଖ୍ୟ ଷ୍ଟେସନ୍ନୁ ଯା’ଆସ୍ ସହଜ୍ କର୍ବାର୍ ଲାଗି ସମ୍ବଲ୍ପୁର୍ ସହର୍ ଆର୍ ସର୍ଲା ଷ୍ଟେସନ୍କେ ଜୁଡୁଥିବାର୍ ଗୁଟେ ଗୁରୁତ୍ୱପୂର୍ଣ୍ଣ ଫ୍ଲାଏଓଭର୍ ପ୍ରକଳ୍ପର୍ ଲାଗି ୨ ଶହ ୮୮ କୋଟି ୬୧ ଲାଖ୍

ଟଙ୍କାର୍ ପ୍ରକଳ୍ପ ସହେତେ ଟିଟିଲାଗଡ଼୍, ରେଲ୍ଫ୍ଲାଏଓଭର୍ ଲାଗି ଶହେ ୮୩ କୋଟି ୮୯ ଲାଖ୍ ଟଙ୍କା ମଞ୍ଜୁର୍ ହେଇଛେ ।

କେବିନେଟ୍ ନିଷ୍ପତି- ହୀରାକୁଦ୍ ଡେମ୍ ଆର୍ଏନ୍ୟୁ/ସମ୍ବଲପୁର

ମହାନଦୀ ନ ବଏଢ଼୍ ପାଏନ୍ ନିୟନ୍ତ୍ରଣ୍ ଆର୍ ହୀରାକୁଦ୍ ବନ୍ଧାର୍ ସୁପରିଚାଲନା ଲାଗି ରାଜ୍ୟ ସର୍କାର୍ ଆଏବା ୬ ବଛ୍ରେ ୧ ହଜାର୍ ୬୬ କୋଟି ୩୮ ଲାଖ୍ ଟଙ୍କା ଖର୍ଚ୍ଚା କର୍ବେ । ଡେମ୍ର ପୁନରୁଦ୍ଧାର୍ ଆର୍ ଉନ୍ନତିକରଣ୍ ପ୍ରକଳ୍ପ ଜରିଏ ହୀରାକୁଦ୍ ବନ୍ଧାର୍ ମରାମତି ଆର୍ ବିକାଶ୍ କାମ୍ ଲାଗି ୩ ଟା ପ୍ରକଳ୍ପ କାର୍ଯ୍ୟକାରୀ ହେବା ବଲି କେବିନେଟ୍ଥି ମଞ୍ଜୁର୍ ହେଇଛେ । ଇଥି ହୀରାକୁଦ୍ ବନ୍ଧାର୍ ଡେବ୍ରୀ ଫାଲର୍ ଡାଇକ୍ଥି ଅତିରିକ୍ତ ସ୍ପିଲ୍ୱେ ନିର୍ମାଣ୍, ହୀରାକୁଦ୍ ଡେମ୍ର ବିପଦ୍ଜନକ୍ ପରିସ୍ଥିତିର୍ ସର୍ବେକ୍ଷଣ୍ ଆର୍ ତାର୍ ମରାମତି, ଡେମ୍ ଆର୍ ପ୍ରସ୍ତାବିତ୍ ଅତିରିକ୍ତ ସ୍ପିଲ୍ୱେ ଫାଟକ୍ ମାନ୍କୁ ସ୍କାଡ଼ା ପ୍ରଣାଲୀଥି ସ୍ୱୟଂଚାଲିତ୍ କରାଯିବା ।

ୱେଭ୍ସ ସମ୍ମିଳନୀ ଆର୍ଏନ୍ୟୁ/ସମ୍ବଲପୁର/ଏକ୍ସ

ପୁର୍‌ଥିର୍ ପହେଲା ଅଡ଼ିଓ ଭିଜୁଆଲ୍ ମନୋରଞ୍ଜନ୍ ସମ୍ମିଲନୀ ୱେଭ୍‌ସ୍ ଭାରତ୍‌କେ ପୁର୍‌ଥିର୍ କଂଟେଂଟ୍ ହବ୍ କର୍‌ବାର୍ ଲାଗି ସମାନ୍ ସ୍ତର୍‌ଥି ପୁହୁଁଚିଛେ ବଲି ସୂଚନା ଆଉ ପ୍ରସାରଣ୍ ମନ୍ତ୍ରୀ ଅଶ୍ୱନୀ ବୈଷ୍ଣବ୍ କହିଛନ୍ । ସାମାଜିକ୍ ଗଣମାଧ୍ୟମ୍ ଜରିଏ ଶ୍ରୀ ବୈଷ୍ଣବ୍ କହିଛନ୍ ଯେ, ଭାରତ୍ ପୁର୍‌ଥିର୍ ସୃଜନଶୀଲ୍, ଶକ୍ତିର୍ କେନ୍ଦ୍ର ହେବାର୍ ଲାଗି ମୁଲ୍‌ଦୁଆ ଥାପ୍‌ନା କରୁଛେ ।

ଶ୍ରମିକ୍ କଲ୍ୟାଣ୍ ଯୋଜ୍‌ନା ସାହାଜ          ଝାର୍‌ସୁଗୁଡ଼ା

ସମ୍ବାଦଦାତା

ଝାର୍‌ସୁଗୁଡ଼ା ଯାନ୍ତ୍ରିକ ବିଦ୍ୟାଳୟ ପ୍ରେକ୍ଷାଳୟ ଠାନେ ନିର୍ମାଣ ଶ୍ରମିକ୍ କଲ୍ୟାଣ୍ ଯୋଜ୍‌ନା ଅଧୀନ୍‌ଥି ସାହାଜ୍ ବାଂଟ୍‌ବାର୍ ଶିବିର୍ ଗଲାକାଏଲ୍ ହେଇଯାଇଛେ । କାର୍ଯ୍ୟକ୍ରମ୍‌ଥି ପଂଚାୟତିରାଜ୍‌ମନ୍ତ୍ରୀ ରବିନାରାୟଣ୍ ନାଏକ୍ ମୁଖ୍ୟଅତିଥି ଭାବେ ଯୋଗ୍ ଦେଇକରି ନିର୍ମାଣ୍ ଶ୍ରମିକ୍‌ମାନ୍‌କର୍ ଲାଗି ଥିବା ଭିନ୍ ଭିନ୍ ଯୋଜ୍‌ନା ଶ୍ରମିକ୍‌ମାନ୍‌କର୍ ପାଖ୍‌କେ ପହଁଚାବାର୍ ଲାଗି ଜିଲ୍ଲା ପ୍ରଶାସନ୍ ଆର୍ ବିଭାଗୀୟ ଅଧିକାରୀମାନ୍‌କୁ ପରାମର୍ଶ ଦେଇଥିଲେ । ଶିବିର୍‌ଥି ଶହେ ୪୦ ଝନ୍‌କୁ ୮୮ ଲାଖ୍ ୭୦ ହଜାର୍ ୮ ଶହ ଟଙ୍କା

ସାହାଜ୍ ଦିଆଯାଇଛେ । ଇତାର୍‌ସହେତେ ୨ ଶହ ଝନ୍‌କୁ ନିର୍ମାଣ୍ ଶ୍ରମିକ୍ ପରିଚୟ ପତ୍ର ଭିଲ୍ ବଂଟାଯାଇଛେ ।

ଭାରତ୍-ଇଂଲଣ୍ଡ ଦିନ୍‌କିଆ କ୍ରିକେଟ୍ ମେଚ      ପୁରୀ ସମ୍ବାଦଦାତା

ଭାରତ୍-ଇଂଲଣ୍ଡ ଦିନ୍‌କିଆ କ୍ରିକେଟ୍ ମେଚ୍ ଆଏଜ୍ କଟକ୍ ବାରବାଟୀ ଷ୍ଟାଡ଼ିୟମ୍ ଠାନେ ଖେଲାଯିବା । ଆଏଜ୍ ମଏଧାନର୍ ଦେଢ଼୍ ବଜେ ଖେଲ୍ ମୁଲ୍ ହେବା ।  ଇଥିର୍ ଲାଗି ସବୁ ପ୍ରସ୍ତୁତି ଶେଷ୍ ଖେପେ ପୁହୁଁଚିଛେ ।
ସେଆଡ଼େ ଗଲାକାଏଲ୍ ଭାରତୀୟ ଦଲ୍ ଷ୍ଟାଡିୟମ୍‌ଠାନେ ଅଭ୍ୟାସ୍ କରିଥିଲା ।

ଜାତୀୟ କ୍ରୀଡ଼ା      ଆର୍‌ଏନ୍‌ୟୁ/ ସମ୍ବଲପୁର

ଉତରାଖଣ୍ଡ ନ ଚାଲିଥିବା ୩୮ ନମ୍ବର୍ ଜାତୀୟ କ୍ରୀଡ଼ାଥି ଗଲାକାଏଲ୍ ଓଡ଼ିଶାକେ ଗୁଟେ ସ୍ୱର୍ଣ୍ଣ ଆର୍ ଗୁଟେ ରୌପ୍ୟ ପଦକ୍ ମିଲିଛେ । ଶହେ ମିଟର୍ ପୁରୁଷ ଦୌଡ଼ଥି ଅନିମେଷ୍ କୁଜୁର୍ ସ୍ୱର୍ଣ୍ଣପଦକ୍ ଜିତିଥିବାର୍ ବେଲେ ଇନ୍‌ବଲ୍ ଖେଲ୍‌ଥି ଓଡ଼ିଶାକେ ରୌପ୍ୟ ପଦକ୍ ମିଲିଛେ । ରାଜେଶ୍ୱରୀ ସେଠ୍ ଆର୍ ରୋଶ୍‌ନୀ

ସାହୁଙ୍କୁ ଇ ରୌପ୍ୟ ପଦକ୍ ମିଲିଛେ । ଇତାର୍‌ସହେତେ ଓଡ଼ିଶାର୍ ପଦକ୍ ସଂଖ୍ୟା ୨୬ କେ ପୁହୁଁଚିଛେ । ଇଥି ୬ ଟା ସ୍ୱର୍ଣ୍ଣ, ୯ ଟା ରୌପ୍ୟ ଆର୍ ୧୧ ଟା କାଂସ୍ୟ ପଦକ୍ ରହିଛେ ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ରର୍ ସୂଚ୍‌ନା ଅନ୍‌ସାରେ, ଗଲାକାଏଲ୍ ରାଏଜର୍ ଗୁଟେ ଜୁଡ଼େ ଜାଗାକେ ଛାଡ଼ିକରି ସବୁ ନ ତାପମାତ୍ରା ୩୦ ଡିଗ୍ରୀ ଉପ୍‌ରେ ରହିଥିଲା । ଗଲାକାଏଲ୍ ରାଜ୍ୟର୍ ଦିନର୍ ସବୁନୁ ଜହ ତାତି ଝାର୍‌ସୁଗୁଡ଼ା ନ ୩୪ ଦଶ୍‌ମିକ୍ ୬ ଡିଗ୍ରୀ ସେଲ୍‌ସିଅସ୍ ରେକର୍ଡ୍ କରାଯାଇଥିଲା । ସେଆଡ଼େ ଆଏବା ୨୪ ଘଂଟା ଭିତ୍‌ରେ ଦିନର୍ ସବୁନୁ କମ୍ ତାପମାତ୍ରା ୨ ନୁ ୩ ଡିଗ୍ରୀତକ୍ କମିପାରେ । ଇତାର୍ ସହେତେ ରାଜ୍ୟର୍ କିଛିଟା ଜିଲ୍ଲାନ ବହଲିଆ କୁହୁଡ଼ି ଦେଖାଯିବା ବଲି ପାଣିପାଗ୍ କେନ୍ଦ୍ର ସତର୍କ ସୂଚ୍‌ନା ଜାରି କରିଛେ ।